

## ପାଠ-୨

# ସିଧା ଗାର ଟାଣିବା


ରାମୁ ମାଆଙ୍କ ସହିତ ରୋଷେଇ ଘରେ ଜିନିଷଗୁଡ଼ିକୁ ସଜାଡ଼ି ରଖୁଛି । ସେ ଜିନିଷଗୁଡ଼ିକୁ କିପରି ସଜାଡୁଛି ଚିତ୍ରରୁ ଦେଖ ।



**ଉପର ଚିତ୍ର ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ-**

- ରୋଷେଇ ଘରେ କି କି ଜିନିଷସବୁ ଥିବାର ଦେଖୁଛ ?

  ..................................................................

- ରାମୁର ମା' ରୋଷେଇ ଘରେ କ'ଣ କରୁଛନ୍ତି ? ..................................................
- ରାମୁ କି କାମ କରୁଛି ? ..................................................
- କେଉଁ ସବୁ ଜିନିଷ କାନ୍ଥ ସହ ତେରେଛା ଭାବରେ ରଖାଯାଇଛି ? ଯେପରି-  ..............................
- କେଉଁ ସବୁ ଜିନିଷ ଭୂମି ଉପରେ ଠିଆ ହେବା ଭଳି ରହିଛି ? ଯେପରି-  ..............................
-  ଭଳି କେଉଁ ଜିନିଷଗୁଡ଼ିକ ଭୂମି ଉପରେ ଶୋଇବା ଭଳି ଅବସ୍ଥାରେ ଅଛନ୍ତି ? ..............................


**ଜିନିଷଗୁଡ଼ିକ କିପରି ଅଛି, ରାମୁ ତାହାକୁ ଖାତାରେ ଗାର ଟାଣି ଦେଖାଇଲା ।**

 ଅବସ୍ଥିତିକୁ ସୂଚାଇବା ପାଇଁ ଭୂମି ଉପରେ ଠିଆ ହେଲା ଭଳି ସିଧା ଗାରଟିଏ ( | ) ଟାଣିଲା ।


 କୁ ଚିତ୍ରରେ ଦେଖାଇବା ପାଇଁ ତେରେଛା ( / ) ଗାରଟିଏ ଟାଣିଲା ।

 କୁ ଚିତ୍ରରେ ଦେଖାଇବା ପାଇଁ ଭୂମି ଉପରେ ଶୋଇଥିବା ଭଳି ସିଧା (—) ଗାରଟିଏ ଟାଣିଲା ।

**କେଉଁ ଜିନିଷଟି ପାଇଁ କେଉଁ ଚିତ୍ର ବ୍ୟବହାର କରାଯିବ, ଗାର ଟାଣି ଯୋଡ ।**



- ଖାଲି ଘରେ ଏହିଭଳି ଗାରମାନ ଟାଣ ।



ଆସ, କାଗଜ ଭାଙ୍ଗି ଭୂମି ଉପରେ ଠିଆ ହୋଇଥିବା ଭଳି ସିଧା ଗାର ତିଆରି କରିବା ।

- ଗୋଟିଏ କାଗଜ ପୃଷ୍ଠା ନିଅ ।





- ଚିତ୍ରରେ ଦିଆଯାଇଥିବା ଭଳି ଏହାକୁ ମଝିରୁ ଭାଙ୍ଗି ଦିଅ ।

  ଏବେ ଭାଙ୍ଗ ସ୍ଥାନରେ ଚାପି ଦିଅ ।


- କାଗଜଟିକୁ ଖୋଲି ଦିଅ ।

  କ'ଣ ଦେଖୁଛ ?






ଲକ୍ଷ୍ୟକର, କାଗଜ ଉପରେ ଭାଙ୍ଗଥିବା ଚିହ୍ନ ଗୋଟିଏ ସିଧାଗାର । ଏ ପ୍ରକାରର ସିଧାଗାରକୁ ଭୂମି ଉପରେ **ଠିଆହୋଇଥିବା ଭଳି ସିଧାଗାର** କୁହାଯାଏ । ତୁମ ନିକଟ ପରିବେଶରେ ତୁମେ କେଉଁ କେଉଁଠାରେ ଏହିଭଳି ସିଧାଗାର ଥିବାର ଲକ୍ଷ୍ୟ କରୁଛ କହ ।










ଆସ, କାଗଜ ଭାଙ୍ଗି ଭୂମି ଉପରେ ଶୋଇଥିବା ଭଳି ସିଧାଗାର ଟାଣିବା ।

- ସାଧା କାଗଜ ପୃଷ୍ଠାଟିଏ ନିଅ ।
- ଚିତ୍ରରେ ଦେଖାଯାଉଥିବା ଭଳି ଏହାକୁ ମଝିରୁ ଦୁଇ ଭାଗ କରି ଭାଙ୍ଗି ଦିଅ ।
- ତୁମେ ଭାଙ୍ଗଥିବା ସ୍ଥାନରେ ଏହାକୁ ଜୋରରେ ଚାପି ଦିଅ । ଏବେ କାଗଜଟିକୁ ଖୋଲିଦିଅ ।
- ତୁମେ ଦେଖିପାରିବ ଯେ, କାଗଜର ମଝିରେ ଭଙ୍ଗାସ୍ଥାନରେ ଏକ ସିଧାଗାର ପଡ଼ିଛି ।










ଏହିପରି ଭାବେ ଆମେ କାଗଜ ଭାଙ୍ଗି ଭୂମି ଉପରେ ଶୋଇଥିବା ଭଳି ସିଧାଗାର ତିଆରି କରିପାରିବା । ତୁମେ ଗୋଟିଏ ପୃଷ୍ଠା କାଗଜରେ ଏହିଭଳି କେତୋଟି ଗାର ତିଆରି କରିପାରିବ ?

ତଳେ ଦିଆଯାଇଥିବା ଚିତ୍ରରେ ଭୂମି ଉପରେ ଶୋଇଥିବା ଭଳି ସିଧାଗାରଗୁଡ଼ିକୁ ଚିହ୍ନାଅ ।






ଆଉ କେଉଁ କେଉଁଠାରେ ଏହିପରି ସିଧାଗାର ଦେଖିବାକୁ ପାଉଛ, କହ ।


କାଗଜ ଭାଙ୍ଗି ଆମେ ମଧ୍ୟ ତେରେଛା ସିଧାଗାର ତିଆରି କରିପାରିବା ।


- ତୁମେ ଚିତ୍ରରେ ଦିଆଯାଇଥିବା ଭଳି କାଗଜ ପୃଷ୍ଠାଟିଏ ନିଅ ।
- ଏହାର ଗୋଟିଏ କୋଣକୁ ଧରି କାଗଜ ମଝିରୁ ଭାଙ୍ଗି ଦିଅ ଓ ସେଠାରେ ଚାପିଦିଅ ।
- ଏବେ କାଗଜଟିକୁ ଖୋଲି ଦିଅ ।




ତୁମେ ଦେଖିବ ଯେ, କାଗଜରେ ଗୋଟିଏ ତେରେଛା ସିଧାଗାର ତିଆରି ହୋଇଛି ।

- ତୁମେ କେଉଁ କେଉଁଠାରେ ତେରେଛା ସିଧାଗାର ତିଆରି ହୋଇଥିବାର ଲକ୍ଷ୍ୟ କରୁଛ ?









## ଆମେ କ'ଣ ଜାଣିଲେ ?

ଆମେ ତିନି ପ୍ରକାରର ସିଧାଗାର ଟାଣିପାରିବା ।


- ଭୂମି ଉପରେ ଠିଆହୋଇ ରହିବା ଭଳି ସିଧାଗାର ।
- ଭୂମି ଉପରେ ଶୋଇଥିବା ଭଳି ସିଧାଗାର ।
- ଭୂମି ଉପରେ ତେରେଛା ଭାବେ ଥିବା ସିଧାଗାର ।



ଆସ,ତଳ ବିନ୍ଦୁଗ୍ରୀଡ଼ରେ ଏହି ତିନି ପ୍ରକାରର ସିଧାଗାର ତିଆରି କରିବା ।



ହରି ଓ ଚିନୁ ବିନ୍ଦୁଗ୍ରୀଡ଼ରେ ବିନ୍ଦୁମାନଙ୍କୁ ଯୋଡ଼ି ଗାର ତିଆରି କରୁଥିଲେ । ତାହାକୁ ତୁମେ ଦେଖ –



- ଦୁଇଜଣ ଟାଣିଥିବା ଗାର ମଧ୍ୟରେ କ'ଣ ପାର୍ଥକ୍ୟ ଦେଖୁଛ ? ..............................
- ବିନ୍ଦୁଗୁଡ଼ିକୁ ଯୋଡ଼ି ଚିନୁ ତିଆରି କରିଥିବା ଚିତ୍ରଗୁଡ଼ିକୁ ସିଧାଗାର କହିବା କି ? କାହିଁକି ? ..............................
- ତୁମ ଚାରିପାଖରେ ଦେଖୁଥିବା ଜିନିଷ ମଧ୍ୟରୁ କେଉଁ କେଉଁ ଜିନିଷରେ ସିଧାଗାର ଅଛି, କହ ଓ ଲେଖ ।

..............................................................................................


- ଗୋଟିଏ ଦିଆସିଲି ଖୋଳ ନିଅ । ଏହାକୁ ତୁମ ଖାତା ଉପରେ ଥୁଅ । ଏହାକୁ ଉପରୁ ଚାପିଧର । ଚିତ୍ରରେ ଦିଆଯାଇଥିବା ଭଳି ଏହାର ଗୋଟିଏ ଧାରରେ ପେନ୍‌ସିଲରେ ଗାର ଟାଣ ।




ତୁମେ ଏହିଭଳି ବିଭିନ୍ନ ସିଧା ଧାର ଥିବା ଜିନିଷ ବ୍ୟବହାର କରି ସିଧା ଗାର ତିଆରି କରିପାରିବ । ସିଧା ଧାର ଥିବା ଜିନିଷକୁ ବ୍ୟବହାର କରି କେତୋଟି ସିଧା ଗାର ଟାଣ ।

## ସ୍କେଲ୍ ବ୍ୟବହାର କରି ସିଧାଗାର ତିଆରି :


- ତୁମ ଖାତାର ଗୋଟିଏ କାଗଜ ପୃଷ୍ଠା ଉପରେ ସ୍କେଲଟିକୁ ଚାପିରଖ ।
- ସ୍କେଲର ଗୋଟିଏ ଧାରରେ ପେନ୍‌ସିଲ୍ ସାହାଯ୍ୟରେ ଗୋଟିଏ ଗାର ଟାଣ ।





ତୁମେ ଟାଣିଥିବା ଗାରଟି ସିଧା ନା ବଙ୍କା କହ ।

- ତଳେ ଦିଆଯାଇଥିବା ବିନ୍ଦୁ ଯୋଡ଼ି ବିଭିନ୍ନ ପ୍ରକାରର ସିଧାଗାର ତିଆରି କରିବା ।



ତୁମେ ବିନ୍ଦୁଯୋଡ଼ି ଯେଉଁଭଳି ସିଧାଗାର ସବୁ ପାଇଲ, ତଳେ ଖାଲି ହାତରେ ସେହିଭଳି ସିଧାଗାର ତିଆରି କର ।

## ଓଡ଼ିଶୀ ନାଚରେ ସିଧାଗାର

ଝିଅଟି କିପରି ନାଚୁଛି ଦେଖ ।

ଲକ୍ଷ୍ୟ କର ଯେ, ନାଚୁଥିବା ଝିଅଟିର ହାତ ଦୁଇଟି କେଉଁ ଭଳି ଗାର ସବୁ ତିଆରି କରୁଛି ।







ତୁମେ ଏହିଭଳି ଚିତ୍ରଟିଏ ତିଆରି କର ।

## ଅଭ୍ୟାସ କାର୍ଯ୍ୟ

୧. ନିମ୍ନରେ ଦିଆଯାଇଥିବା କେଉଁ କେଉଁ ଜିନିଷ ବ୍ୟବହାର କରି ତୁମେ ସିଧାଗାର ତିଆରି କରିପାରିବ ଲେଖ ।




୨. ତଳେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଯୋଡ଼ ।



(କ) କେତୋଟି ସିଧାଗାର ପାଇଲ ?

(ଖ) ଭୂମି ଉପରେ ଠିଆ ହୋଇଥିବା ଭଳି ସିଧାଗାରକୁ ଠିକ (✓) ଚିହ୍ନ ଦେଇ ଚିହ୍ନାଅ ଓ ତେରେଛା ସିଧାଗାର ପାଖରେ ଛକି (×) ଚିହ୍ନ ଦିଅ ।

୩. (କ) ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । କେଉଁ ପ୍ରକାରର ସିଧାଗାରରୁ କେତୋଟି ଅଛି ଗଣି ଲେଖ ।



ଭୂମି ଉପରେ ଠିଆ ହୋଇଥିବା ସିଧାଗାର ........... ଟି

ଭୂମି ଉପରେ ଶୋଇଥିବା ସିଧାଗାର ........... ଟି

ତେରେଛା ସିଧାଗାର ........... ଟି

(ଖ) ଏହି ଭଳି ଚିତ୍ରଟିଏ ତୁମ ଖାତାରେ ତିଆରି କର ।

୪. ତଳ ବିନ୍ଦୁଗ୍ରୀଡ଼ରେ ସିଧାଗାର ଓ ସିଧା ହୋଇ ନଥିବା ଗାର ବ୍ୟବହାର କରି ବିଭିନ୍ନ ଚିତ୍ର ତିଆରି କର ।

